ମୋ ପରିବାର
All for each, each for all

ଓଡ଼ିଶା-ମୋ ପରିବାର
ନ୍ୟୁଜ୍‌ଲେଟର

ବର୍ଷ-୫ ■ ସଂଖ୍ୟା - ୪୦ ଏପ୍ରିଲ ୨୦୨୪

## ଭିତର ପୃଷ୍ଠାରେ...


- ମୃତଦେହ ସ୍ଥାନାନ୍ତର ପାଇଁ ପରିବାରକୁ ସହାୟତା
- ଦୃଷ୍ଟିହୀନ ରୋଗୀଙ୍କୁ ଚିକିତ୍ସାରେ ସାହାଯ୍ୟ କଲେ ସୋମନାଥ

ପୃଷ୍ଠା-୨

- ଅସହାୟ ବୃଦ୍ଧାଙ୍କୁ ଉପଯୁକ୍ତ ସମୟରେ ଚିକିତ୍ସାରେ ସହାୟତା
- ଅସହାୟ ଲିଲି ନାୟକଙ୍କୁ ସହାୟତା ଯୋଗାଇଲେ ଆଲୋକ

ପୃଷ୍ଠା-୩

- କଟକରୁ କେନ୍ଦୁଝରକୁ ମୃତଦେହ ସ୍ଥାନାନ୍ତର
- ଦୁର୍ଘଟଣାଗ୍ରସ୍ତଙ୍କୁ କଟକ ବଡ଼ ମେଡ଼ିକାଲରେ ସହାୟତା

ପୃଷ୍ଠା-୪

- ଭୁବନେଶ୍ୱରରୁ ବାଲେଶ୍ୱରକୁ ମୃତଦେହ ସ୍ଥାନାନ୍ତର
- ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

ପୃଷ୍ଠା-୫

- ଅସହାୟ ପରିବାର ନିକଟରେ ପହଞ୍ଚିଲା ଓଡ଼ିଶା-ମୋ ପରିବାର
- ଦୃଷ୍ଟିହୀନ ପରିବାର ନିକଟରେ ପହଞ୍ଚିଲା ଓଡ଼ିଶା-ମୋ ପରିବାର

ପୃଷ୍ଠା-୬

- ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

ପୃଷ୍ଠା-୭

- ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ

ପୃଷ୍ଠା-୧୧

- 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ପୃଷ୍ଠା-୧୨

- ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ
- ଜରୁରୀ ସମୟରେ ହେଲ୍ପଡେସ୍କ ସହଯୋଗୀଙ୍କ ରକ୍ତଦାନ

ପୃଷ୍ଠା-୧୩

- ଆପାତକାଳରେ ରକ୍ତଦାନ

ପୃଷ୍ଠା-୧୪

- ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା
- କୃପାସିନ୍ଧୁଙ୍କୁ ଚିକିତ୍ସାରେ ସାହାଯ୍ୟ କଲେ ହିମାଂଶୁ

ପୃଷ୍ଠା-୧୫



ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରୋଗୀ

# କଠିନ ସମୟରେ ସହାୟତାର ହାତ ବଢ଼ାଇଲା ଓଡ଼ିଶା-ମୋ ପରିବାର

ରାଜ୍ୟର ପ୍ରମୁଖ ହସ୍ପିଟାଲରେ ଥିବା ହେଲ୍ପଡେସ୍କ ସହଯୋଗୀମାନେ ହେଉଛନ୍ତି ଆମର ପ୍ରକୃତ ହିରୋ, ଯେଉଁମାନେ ଅସହାୟ ଲୋକମାନଙ୍କୁ ଆବଶ୍ୟକ ସମୟରେ ସହାୟତା ପ୍ରଦାନ କରନ୍ତି । ନିରନ୍ତର ଉତ୍ସର୍ଗୀକୃତ ଭାବେ ସେମାନେ ରୋଗୀ ଏବଂ ସେମାନଙ୍କ ପରିବାରକୁ ସେବା ପ୍ରଦାନ କରନ୍ତି, ଯେପରି କୌଣସି ବ୍ୟକ୍ତି ନିଜକୁ ଅସହାୟ ମନେ ନ କରିବେ ।

ଦିନେ, ଏକାଧିକ ଆଘାତରେ ପୀଡ଼ିତ ଥିବା ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର ହୋଇଥିବା ଖବର ଏମ୍ସରେ ପହଞ୍ଚିଥିଲା । ଭୁବନେଶ୍ୱରର ଡେଲଟା ଛକରୁ ଖଣ୍ଡଗିରି ପୋଲିସ ଦ୍ୱାରା ୬୪ବର୍ଷୀୟ ବ୍ୟକ୍ତି ବାୟା ପାତ୍ର ଏବଂ ତାଙ୍କ ପତ୍ନୀଙ୍କୁ ଉଦ୍ଧାର କରାଯାଇଥିଲା।

ଏମ୍ସର ରୋଗୀ କଲ୍ୟାଣ ବିଭାଗ ପକ୍ଷରୁ ରୋଗୀକୁ ସାହାଯ୍ୟ କରିବା ପାଇଁ ଆମର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁଙ୍କୁ ଫୋନ୍‌ଆସିଥିଲା । ବିନା ଦ୍ୱିଧାରେ ସୋମନାଥ ତୁରନ୍ତ ସେମାନଙ୍କ ପାଖକୁ ଦୌଡ଼ିଗଲେ । ଶ୍ରୀ ପାତ୍ର ଏବଂ ତାଙ୍କ ପତ୍ନୀଙ୍କୁ ସଙ୍କଟ ସମୟରେ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ। ଯେହେତୁ ସେହି ବୃଦ୍ଧ ବ୍ୟକ୍ତିମାନଙ୍କର ଯତ୍ନ ନେବାକୁ କେହି ନଥିଲେ ସେମାନଙ୍କୁ ନିରାପଦରେ ଘରକୁ ଫେରିବା ପାଇଁ ସୋମନାଥ ନିଜେ ଭୁବନେଶ୍ୱର, ଶିରିପୁରରେ ଥିବା ତାଙ୍କ ବାସଭବନକୁ ଫେରାଇ ନେବା ପାଇଁ ଏକ ଅଟୋ ବ୍ୟବସ୍ଥା କରିଥିଲେ।

ସୋମନାଥଙ୍କ ନିଃସ୍ୱାର୍ଥପର ସେବା ପାଇଁ ଶ୍ରୀ ବାୟା ପାତ୍ର ଏବଂ ତାଙ୍କ ପତ୍ନୀ ସୋମନାଥ ଏବଂ ଓଡ଼ିଶା-ମୋ ପରିବାରକୁ ହୃଦୟରୁ ଅଶେଷ କୃତଜ୍ଞତା ଜଣାଇଥିଲେ ।



# ମୃତଦେହ ସ୍ଥାନାନ୍ତର ପାଇଁ ପରିବାରକୁ ସହାୟତା

ମନୋଜ ରାଓ (୨୨) ଏବଂ ତାଙ୍କ ଜେଜେମା ଜୁଲାନା ରାଓ (୫୫), ଉଭୟ ଗଞ୍ଜାମ ଜିଲ୍ଲାର ବାସିନ୍ଦା ଅଟନ୍ତି । ସେମାନେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବାବେଳେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଯେଉଁଠାରେ ସେମାନେ ଗୁରୁତର ଆହତ ହୋଇଥିଲେ।

ଜରୁରୀକାଳୀନ ଚିକିତ୍ସା ପାଇଁ ଉଭୟଙ୍କୁ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ହସ୍ପିଟାଲକୁ ନିଆଯାଇଥିଲା । ଆମର ହେଲ୍ପଡେସ୍କ ସହଯୋଗୀ ଗିରିଜା ଶତପଥୀ ସେମାନଙ୍କ ସହ ଉପସ୍ଥିତ ରହି ସମସ୍ତ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ ।

ଦୁର୍ଭାଗ୍ୟବଶତଃ, ଚିକିତ୍ସା ଚାଲିଥିବା ସମୟରେ ସେମାନେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସେମାନଙ୍କ ଦେହାନ୍ତ ଖବର ପାଇବା ପରେ ପରିବାରବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ । ଆର୍ଥିକ ଅସୁବିଧାରେ ଥିବାରୁ ପରିବାରବର୍ଗ ମୃତଦେହ


ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

ସ୍ଥାନାନ୍ତର କରିବା ପାଇଁ ଓଡ଼ିଶା-ମୋ ପରିବାରର ସହାୟତା ଲୋଡ଼ିଥିଲେ। ସେମାନଙ୍କ ଏପରି ଅବସ୍ଥା ଦେଖିବା ପରେ ଗିରିଜା ସେମାନଙ୍କୁ ଗଞ୍ଜାମ ଜିଲ୍ଲାପାଳ ତଥା ବିଧାୟକ ଶ୍ରୀ ବିକ୍ରମ ପଣ୍ଡାଙ୍କ ସକ୍ରିୟ ସହଯୋଗରେ ସାହାଯ୍ୟ କରିଥିଲେ। ଗିରିଜା ଡାକ୍ତରଖାନାରୁ ସେମାନଙ୍କ ଜନ୍ମସ୍ଥାନକୁ ମୃତଦେହ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ ।

# ଦୃଷ୍ଟିହୀନ ରୋଗୀଙ୍କୁ ଚିକିତ୍ସାରେ ସାହାଯ୍ୟ କଲେ ସୋମନାଥ

ଭଦ୍ରକ ଜିଲ୍ଲା ନଦୋରରୁ ଆସିଥିବା ୩୧ ବର୍ଷିୟ ଦୃଷ୍ଟିହୀନ ଅବିନାଶ କୁମାର ଓଝାଙ୍କର ମୁଣ୍ଡବିନ୍ଧା,


ରୋଗୀଙ୍କ ସହିତ ସୋମନାଥ

ଦୁର୍ବଳତା ଏବଂ ଶରୀରରେ ଯନ୍ତ୍ରଣା ଭଳି ନିରନ୍ତର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିଲା। ନିକଟସ୍ଥ ଡାକ୍ତରଖାନାରେ ପ୍ରାରମ୍ଭିକ ଚିକିତ୍ସା ସରିବା ପରେ ତାଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରିବା ପାଇଁ ପରାମର୍ଶ ଦିଆଯାଇଥିଲା।

ତାଙ୍କ ବୃଦ୍ଧା ମା' ଅବିନାଶଙ୍କ ସହିତ ଏମ୍ସକୁ ଯାଇଥିଲେ । ହସ୍ପିଟାଲର ପ୍ରକ୍ରିୟା ବିଷୟରେ ଅଜ୍ଞ ଥିବାରୁ ସେମାନେ ନିଜକୁ ଅସହାୟ ମନେ କରୁଥିଲେ ଏବଂ ବିଶ୍ରାମଗାରରେ ଏକାକୀ ବସିଥିଲେ । ଆମର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ସେମାନଙ୍କୁ ଦେଖିବା ପରେ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ । ଡାକ୍ତରଙ୍କ ପରାମର୍ଶ ପାଇବା ଠାରୁ ଆରମ୍ଭ କରି ଔଷଧ ପାଇବା ପର୍ଯ୍ୟନ୍ତ ସମସ୍ତ ସାହାଯ୍ୟ କରିଥିଲେ ।

ସେମାନଙ୍କର ପ୍ରାରମ୍ଭିକ ଗସ୍ତ ପରେ ମଧ୍ୟ ସେମାନେ ସୋମନାଥଙ୍କ ସହ ଯୋଗାଯୋଗରେ ରହିଥିଲେ ଓ ସେମାନେ ଯେଉଁ ସହାୟତା ଲୋଡୁଥିଲେ, ସେମାନଙ୍କୁ ସୋମନାଥ ସାହାଯ୍ୟ କରିଥିଲେ । ତାଙ୍କର ଅସହାୟତାରେ ସହଯୋଗର ହାତ ବଢାଇ ଥିବାରୁ ଅବିନାଶ ଏବଂ ତାଙ୍କ ମା' ଓଡ଼ିଶା-ମୋ ପରିବାରକୁ ଗଭୀର କୃତଜ୍ଞତା ଜଣାଇଥିଲେ ।

# ଅସହାୟ ବୃଦ୍ଧାଙ୍କୁ ଉପଯୁକ୍ତ ସମୟରେ ଚିକିତ୍ସାରେ ସାହାଯ୍ୟ

ବୌଦ୍ଧ ଜିଲ୍ଲାର ୭୦ବର୍ଷିୟା ବାସିନ୍ଦା ସୌରେନ୍ଦ୍ରି ସାହୁ ଶରୀରରେ ଦୁର୍ବଳତା, ପୀଡ଼ା, ହାଇପରଥାଇରଏଡିଜମର ଲକ୍ଷଣ ଥିବା ହେତୁ ଅସୁସ୍ଥତା ଅନୁଭବ କରୁଥିବାରୁ ଚିକିତ୍ସା ପାଇଁ ସେ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲକୁ ଯାଇଥିଲେ ।

ହସ୍ପିଟାଲରେ ତାଙ୍କୁ ଏକାକୀ ଅବସ୍ଥାରେ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ନରେନ୍ଦ୍ର ସୁନା ଦେଖି ତାଙ୍କ ଅସହାୟତା ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ତୁରନ୍ତ ପଦକ୍ଷେପ ନେଇ ତାଙ୍କୁ ଡାକ୍ତରଙ୍କୁ ଦେଖାଇଥିଲେ, ଯେଉଁଠାରେ ପୁଙ୍ଖାନୁପୁଙ୍ଖ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରବର୍ତ୍ତୀ ସମୟରେ, ଡାକ୍ତର ସୌରେନ୍ଦ୍ରିଙ୍କୁ ଦେଖି ଆବଶ୍ୟକ ପରୀକ୍ଷଣ ଏବଂ ଔଷଧ ଦେଇଥିଲେ।


ରୋଗୀଙ୍କ ସହିତ ନରେନ୍ଦ୍ର

ନରେନ୍ଦ୍ରଙ୍କ ଦ୍ରୁତ ହସ୍ତକ୍ଷେପ,ପ୍ରଭାବଶାଳୀ ସମନ୍ୱୟ ଏବଂ ସେ ପାଇଥିବା ସେବା ପାଇଁ ସୌରେନ୍ଦ୍ରି ଓଡ଼ିଶା-ମୋ ପରିବାରକୁ ଗଭୀର କୃତଜ୍ଞତା ଜଣାଇଥିଲେ ।

# ଅସହାୟ ଲିଲିଙ୍କୁ ସହାୟତା ଯୋଗାଇଲେ ଆଲୋକ

ଦୀର୍ଘ ଦିନ ଧରି କିଡ଼ନୀ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ ଥିବା ଆଠଗଡ଼ର ୪୯ବର୍ଷିୟା ଲିଲି ନାୟକ ଚିକିତ୍ସା ପାଇଁ ପ୍ରଥମେ ନିକଟସ୍ଥ ହସ୍ପିଟାଲକୁ ଯାଇଥିଲେ କିନ୍ତୁ ସ୍ୱାସ୍ଥ୍ୟରେ କୌଣସି ପରିବର୍ତ୍ତନ ନ ଆସିବାରୁ ତାଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଯାଇଥିଲା। ତେବେ ସେ ଓଡିଶା-ମୋ ପରିବାର ସ୍ୱାସ୍ଥ୍ୟ ଉପଦେଷ୍ଟା ଡ଼ଃ ସତ୍ୟଜିତ୍ ଦାଶଙ୍କ ପାଖକୁ ଯାଇଥିଲେ ଓ ଡ଼ଃ ଦାଶ ତାଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ୍ ହସ୍ପିଟାଲ ଯିବାକୁ ପରାମର୍ଶ ଦେଇଥିଲେ।


ରୋଗୀଙ୍କ ସହିତ ଆଲୋକ

ଆମର ହେଲ୍ପଡେସ୍କ ସହଯୋଗୀ, ଆଲୋକ ରଂଜନ ସାହୁଙ୍କୁ, ଲିଲିଙ୍କ ଚିକିତ୍ସା ନିମନ୍ତେ ସହାୟତା ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଥିଲା। ଆଲୋକ ଜଣେ ଡାକ୍ତରଙ୍କୁ ଦେଖାଇ ଉପଯୁକ୍ତ ପରାମର୍ଶ ନେଇଥିଲେ ଏବଂ ନିର୍ଦ୍ଧାରିତ ପରୀକ୍ଷଣ କରିବା ପରେ ଲିଲି କିଡ଼ନୀ ( ସି. କେ. ଡି) ଜନିତ ସମସ୍ୟା ତୃତୀୟ ପର୍ଯ୍ୟାୟରେ ଥିବାର ଜଣାପଡ଼ିଥିଲା ଏବଂ ଚିକିତ୍ସା ଜାରି ରଖିବାକୁ ପରାମର୍ଶ ଦିଆଯାଇଥିଲା।

କିଛି ମାସ ହେବ, ଆଲୋକ ତାଙ୍କୁ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ । ଲିଲି ଥାଇରଏଡ୍, ମଧୁମେହ ଏବଂ ମୂତ୍ର ସଂକ୍ରମଣରେ ମଧ୍ୟ ପୀଡିତ ଥିଲେ। ତାଙ୍କର ଚଳପ୍ରଚଳ ଏବଂ ନିତ୍ୟକର୍ମ ପାଇଁ ସେ ହ୍ୱିଲ୍ ଚେୟାର ଉପରେ ନିର୍ଭର କରୁଥିଲେ । ସମୟକ୍ରମେ ତାଙ୍କ ଅବସ୍ଥାରେ ସାମାନ୍ୟ ପରିବର୍ତ୍ତନ ଆସିଲା ।

ବର୍ତ୍ତମାନ, ଲିଲି ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ସ୍ୱାଧୀନ ଭାବରେ ଚାଲିବାକୁ ସକ୍ଷମ ହୋଇପାରିଛନ୍ତି । ଓଡ଼ିଶା-ମୋ ପରିବାର ପକ୍ଷରୁ ତାଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ପାଇଁ ସେ ଅଶେଷ କୃତଜ୍ଞତା ଜଣାଇଛନ୍ତି ।



# କଟକରୁ କେନ୍ଦୁଝରକୁ ମୃତଦେହ ସ୍ଥାନାନ୍ତର

ପାକସ୍ଥଳୀ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ କେଉଁଝର ଜିଲ୍ଲାର ୩୪ବର୍ଷିୟ ବାସିନ୍ଦା ଗଙ୍ଗମଣି ମୁଣ୍ଡାଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା।

ସେଠାରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ ଦାସ, ରୋଗୀଙ୍କ ପାଖରେ ଉପସ୍ଥିତ ରହି ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ କିନ୍ତୁ ଦୁର୍ଭାଗ୍ୟବଶତଃ, ରୋଗୀ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଗଙ୍ଗମଣିଙ୍କ ବିୟୋଗରେ ପରିବାରବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ଆର୍ଥିକ ଚାପରେ ଥିବାରୁ ସେମାନେ ମୃତଦେହକୁ ସ୍ଥାନାନ୍ତର କରିବା ପାଇଁ ଓଡ଼ିଶା-ମୋ ପରିବାର ପକ୍ଷରୁ ଯାତାୟାତ ସହାୟତା ଲୋଡ଼ିଥିଲେ। ସନ୍ତୋଷ ପରିବାରକୁ ପୋଷ୍ଟମର୍ଟମ ସମୟରେ ସମସ୍ତ ସହାୟତା ଯୋଗାଇ ଦେଇଥିଲେ ଏବଂ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ । ମୃତଦେହକୁ ଡାକ୍ତରଖାନାରୁ ନିଜ ଜନ୍ମମାଟି କେଉଁଝରକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ ।


ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

# ଦୁର୍ଘଟଣାଗ୍ରସ୍ତଙ୍କୁ କଟକ ବଡ଼ ମେଡ଼ିକାଲରେ ସହାୟତା

ଯାଜପୁର ଜିଲ୍ଲାରେ ପୁରୀରୁ ପଶ୍ଚିମବଙ୍ଗ ଅଭିମୁଖେ ଯାତ୍ରା କରୁଥିବା ଏକ ବସ ଡ୍ରାଇଭରଙ୍କ ଅବହେଳା କାରଣରୁ ବସଟି ଫ୍ଲାଏ ଓଭରରୁ ତଳକୁ ଖସିପଡ଼ି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା । ଏହି ମର୍ମନ୍ତୁଦ ଦୁର୍ଘଟଣା ଏପ୍ରିଲ ୧୬ ତାରିଖ ରାତି ପ୍ରାୟ ୯ ଟା ସମୟରେ ଘଟିଥିଲା । ବସଟି ପ୍ରାୟ ୪୭ଜଣ ଯାତ୍ରୀଙ୍କୁ ନେଇ ଯାଉଥିଲା। ଦୁଃଖର ବିଷୟ ଏହି ଦୁର୍ଘଟଣାରେ ୪ଜଣ ପୁରୁଷ ଏବଂ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୪୦ଜଣ ଆହତ ହୋଇଛନ୍ତି। ପୋଲିସ ଏବଂ ସ୍ଥାନୀୟ ଅଞ୍ଚଳର ଲୋକମାନେ ଆହତ ଯାତ୍ରୀମାନଙ୍କୁ କଟକ ବଡ଼ ମେଡିକାଲ ନେଇଯାଇଥିଲେ । ଦୁର୍ଘଟଣାର ଖବର ପାଇବା ପରେ କଟକରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ କୁମାର ଦାସ ସହାୟତା ଯୋଗାଇବା ପାଇଁ ହସ୍ପିଟାଲକୁ ଯାଇଥିଲେ। ସନ୍ତୋଷ ଆହତ ରୋଗୀ ଏବଂ ସେମାନଙ୍କ ପରିବାରକୁ ଆବଶ୍ୟକ ଚିକିତ୍ସା ସହାୟତା ପ୍ରଦାନ କରିଥିଲେ।



# ଭୁବନେଶ୍ୱରରୁ ବାଲେଶ୍ୱରକୁ ମୃତଦେହ ସ୍ଥାନାନ୍ତର

ହୃଦ୍ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ ବାଲେଶ୍ୱର ଜିଲ୍ଲାର ୫୦ବର୍ଷିୟ ଶେଖ୍ ଆଷ୍ଟୁଙ୍କୁ ଭୁବନେଶ୍ୱରସ୍ଥିତ କେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଡାକ୍ତରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ରୋଗୀ ବଞ୍ଚିପାରିଲେ ନାହିଁ । ମୃତ ଶରୀରକୁ ସ୍ଥାନାନ୍ତର କରିବା ପାଇଁ ପରିବାରବର୍ଗ ଆର୍ଥିକ ଦୃଷ୍ଟିରୁ ସ୍ଥିର ନଥିଲେ, ଏଥିପାଇଁ ସେମାନେ ଶ୍ରୀ ରବୀନ୍ଦ୍ର ସେଠୀଙ୍କ ସହାୟତା ଲୋଡ଼ିଥିଲେ।

ଶ୍ରୀ ସେଠୀଙ୍କଠାରୁ ସୂଚନା ପାଇବା ପରେ ଓଡ଼ିଶା-ମୋ ପରିବାର ଟିମ୍ ଡାକ୍ତରଖାନାରେ ପହଞ୍ଚିଥିଲେ ଏବଂ ମୃତଦେହକୁ ଡାକ୍ତରଖାନାରୁ ବାଲେଶ୍ୱରସ୍ଥିତ ନିଜ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ଯାତାୟାତ ବ୍ୟବସ୍ଥା କରାଯାଇଥିଲା।



ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

# ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

ଭଦ୍ରକର ବାସିନ୍ଦା ସତୀଶ ମିଶ୍ର ଗୌହାଟୀର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ପେଟରେ ପ୍ରବଳ ଯନ୍ତ୍ରଣା ହେତୁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଦୁର୍ଭାଗ୍ୟବଶତଃ,ଏକାଧିକ ଅଙ୍ଗ ଅଚଳ ହୋଇଯିବାରୁ ଚିକିତ୍ସା ଚାଲିଥିବା ବେଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। କୌଣସି ପ୍ରକାରେ ଗୌହାଟୀରୁ ଭୁବନେଶ୍ୱରକୁ ସତୀଶଙ୍କ ମୃତଦେହକୁ ବିମାନ ମାଧ୍ୟମରେ ସ୍ଥାନାନ୍ତର କରିବାର ବ୍ୟବସ୍ଥା କରାଯାଇଥିଲା। ତେବେ ଭୁବନେଶ୍ୱରରୁ ମୃତଦେହକୁ ନିଜଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ପରିବାରବର୍ଗ ସାହାଯ୍ୟ ଆବଶ୍ୟକ କରୁଥିଲେ ଓ ବିଧାୟକ ଶ୍ରୀ ସଞ୍ଜୀବ ମଲ୍ଲିକଙ୍କ ସହାୟତା ଲୋଡ଼ିଥିଲେ।

ଶ୍ରୀ ମଲ୍ଲିକଙ୍କଠାରୁ ସୂଚନା ପାଇବା ପରେ ଓଡ଼ିଶା-ମୋ ପରିବାର ଟିମ୍ ବିମାନବନ୍ଦରରେ ପହଞ୍ଚିଥିଲେ। ମୃତକଙ୍କ ଭାଇଙ୍କୁ ବିମାନ ବନ୍ଦରରୁ ମୃତଦେହ ଘରକୁ ପଠାଇବା ପ୍ରକ୍ରିୟାରେ ସହାୟତା କରାଯାଇଥିଲା ଏବଂ ମୃତଦେହ ନିଜ ଜନ୍ମସ୍ଥାନରେ ପହଞ୍ଚିବା ପରେ ବିଧାୟକ ଶ୍ରୀ ସଞ୍ଜୀବ ମଲ୍ଲିକ ଅମର ଆତ୍ମାର ସଦ୍ଗତି କାମନା କରିବା ସହ ଶେଷକୃତ୍ୟ ସମୟରେ ପରିବାର ପାଖରେ ଛିଡ଼ା ହୋଇଥିଲେ।



ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

# ଅସହାୟ ପରିବାର ନିକଟରେ ପହଞ୍ଚିଲା ଓଡ଼ିଶା-ମୋ ପରିବାର

କୋରାପୁଟ ଜିଲ୍ଲାର ୫୦ବର୍ଷିୟା ମହିଳା ସରସ୍ୱତୀ ପୂଜାରୀ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲକୁ ନିଆଯାଇଥିଲା।

ବୈକୁଣ୍ଠ ମଣ୍ଡଳ, ଆମର ହେଲ୍ପଡେସ୍କ ସହଯୋଗୀ ରୋଗୀ ପାଖରେ ଉପସ୍ଥିତ ରହି ଡାକ୍ତରଙ୍କ ପରାମର୍ଶ ନେବା ଠାରୁ ଆରମ୍ଭ କରି ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ପରୀକ୍ଷଣ ପର୍ଯ୍ୟନ୍ତ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ । ସରସ୍ୱତୀଙ୍କର ହୃଦ ଜନିତ ସମସ୍ୟା ଥିବାରୁ ପରବର୍ତ୍ତୀ ଚିକିତ୍ସା ପାଇଁ ତାଙ୍କୁ ତୁରନ୍ତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦିଆଯାଇଥିଲା।

ରୋଗୀକୁ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିବା ପାଇଁ ପରିବାରବର୍ଗ ବୈକୁଣ୍ଠଙ୍କ ସହାୟତା ଲୋଡିଥିଲେ । ବୈକୁଣ୍ଠ ଆବଶ୍ୟକୀୟ ବ୍ୟବସ୍ଥା କରିସାରିବାର କିଛି କ୍ଷଣରେ ହୃଦଘାତ ହେତୁ ରୋଗୀ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ପରିବାରବର୍ଗ ସରସ୍ୱତୀଙ୍କ ଅଚାନକ ମୃତ୍ୟୁରେ ଭାଙ୍ଗିପଡ଼ିଥିଲେ ଏବଂ ମୃତଦେହ ସ୍ଥାନାନ୍ତର କରିବା ପାଇଁ ସାହାଯ୍ୟ କରିବାକୁ ବୈକୁଣ୍ଠଙ୍କୁ ଅନୁରୋଧ କରିଥିଲେ। ବୈକୁଣ୍ଠ ପରିବାରକୁ ଆବଶ୍ୟକୀୟ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ଏବଂ ମୃତକଙ୍କ ମୃତଦେହକୁ ହସ୍ପିଟାଲରୁ ସେମାନଙ୍କ ଜନ୍ମ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରିଥିଲେ।




ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

# ଦୃଷ୍ଟିହୀନ ପରିବାର ନିକଟରେ ପହଞ୍ଚିଲା ଓଡ଼ିଶା-ମୋ ପରିବାର

କନକ ଦାସ ନାମକ ଜଣେ ବୃଦ୍ଧା, ଯିଏକି ଜଣେ ଦୃଷ୍ଟିହୀନ ମହିଳା, ଅକ୍ଷମ ଥିବା ସତ୍ତ୍ୱେ ତାଙ୍କ ଦୃଷ୍ଟିହୀନ ପୁଅ ଏବଂ ବୋହୂଙ୍କର ଯତ୍ନ ନେଉଥିଲେ। ବୃଦ୍ଧାବସ୍ଥା ହେତୁ ଶ୍ରୀମତୀ ଦାସ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ ଏବଂ ତାଙ୍କର ଉପଯୁକ୍ତ ଚିକିତ୍ସା ଆବଶ୍ୟକ ଥିଲା ।

ଓଡିଶା- ମୋ ପରିବାର ପକ୍ଷରୁ ପ୍ରଦାନ କରାଯାଇଥିବା ସେବା ବିଷୟରେ ଜାଣିବା ପରେ ସେମାନେ ନିଜ ମା'ଙ୍କ ଚିକିତ୍ସା ପାଇଁ ସାହାଯ୍ୟ ଲୋଡ଼ିଥିଲେ। ସେମାନଙ୍କ ଅବସ୍ଥା ବିଷୟରେ ସୂଚନା ପାଇବା ପରେ, ଆମର ହେଲ୍ପଡେସ୍କ ସହଯୋଗୀ ଗିରିଜା ସଙ୍କର ଶତପଥୀଙ୍କୁ ସେମାନଙ୍କୁ ସାହାଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଗିରିଜା ତୁରନ୍ତ ପରିବାରକୁ ଭେଟି କନକ ଦାସଙ୍କୁ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ହସ୍ପିଟାଲକୁ ସ୍ଥାନାନ୍ତର କରିବାର ବ୍ୟବସ୍ଥା କରିଥିଲେ। ଆବଶ୍ୟକ ସମୟରେ, ପରିବାରକୁ ଚିକିତ୍ସା ସହାୟତା ମଧ୍ୟ ଯୋଗାଇ ଦେଉଥିଲେ । ଦୁର୍ଭାଗ୍ୟବଶତଃ, କିଛି ମାସ ଚିକିତ୍ସା କରିବା ପରେ ରୋଗୀ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଦୃଷ୍ଟିହୀନ ହୋଇଥିବାରୁ ତାଙ୍କ ପୁଅ ଓ ବୋହୂ ହସ୍ପିଟାଲର ପରବର୍ତ୍ତୀ ପ୍ରକ୍ରିୟା ପୂରଣ କରିବା ପାଇଁ ସକ୍ଷମ ନଥିଲେ ।


କନକଙ୍କ ଶେଷକୃତ୍ୟ ପୂର୍ବରୁ ବିଧାୟକ ଏବଂ ବିଜେଡ଼ି ନେତାଙ୍କ ଉପସ୍ଥିତ

ପରିବାରର ଅତ୍ୟଧିକ ଆବଶ୍ୟକତାକୁ ପରଖି ବିଧାୟକ ଶ୍ରୀ ବିକ୍ରମ କୁମାର ପଣ୍ଡା ଏବଂ ବିଜେଡ଼ି ବରିଷ୍ଠ ନେତା ଶ୍ରୀ ଭୃଗୁ ବକ୍ସିପାତ୍ର ମୃତଦେହକୁ ଶ୍ମଶାନକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ସହାୟତା ଯୋଗାଇ ଦେଇଥିଲେ ଏବଂ ଶେଷ ରୀତିନୀତି ସମୟରେ ସେମାନଙ୍କ ପାଖରେ ଛିଡ଼ା ହୋଇଥିଲେ। ପରିବାର ବର୍ଗ ଓଡ଼ିଶା-ମୋ ପରିବାର ପକ୍ଷରୁ ପାଇଥିବା ସାହାଯ୍ୟ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଇଥିଲେ ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିରଳ ଶ୍ରେଣୀର ରକ୍ତ ପ୍ରଦାନ



ରୋଗୀଙ୍କ ସମ୍ପର୍କୀୟ ରକ୍ତ ୟୁନିଟ୍ ଗ୍ରହଣ କରୁଛନ୍ତି

କିଡ଼ନୀ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ କଟକ ନିବାସୀ ୪୬ବର୍ଷିୟ ସଂକର୍ଷଣ ବାରିକଙ୍କୁ ଚିକିତ୍ସା ପାଇଁ କଟକସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।ରୋଗୀର ଚିକିତ୍ସା ଚାଲିଥିବା ସମୟରେ ବିରଳ O-ve ରକ୍ତର ଜରୁରୀ ଆବଶ୍ୟକତା ଥିଲା, ଯାହା ପରିବାରବର୍ଗ ଯୋଗାଡ଼ କରିବାରେ ଅସମର୍ଥ ହୋଇ ଆମର ହେଲ୍ପଡେସ୍କ ସହଯୋଗୀ ସନ୍ଦୀପ ରଥଙ୍କର ସହାୟତା ଲୋଡ଼ିଥିଲେ । ସନ୍ଦୀପ ରୋଗୀଙ୍କ ପାଖରେ ଉପସ୍ଥିତ ରହି ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ ଏବଂ ରୋଗୀଙ୍କ ପାଇଁ ଆବଶ୍ୟକତା ଥିବା ବିରଳ O-ve ରକ୍ତ ଯୋଗାଡ଼ କରି ଦେଇଥିଲେ ।

ଅନ୍ତନଳୀ ଗ୍ୟାସ୍ଟ୍ରିକ ଜନିତ ସମସ୍ୟା ଥିବାରୁ ଖୋର୍ଦ୍ଧା ଜିଲ୍ଲାର ୬୧ବର୍ଷିୟ ଇସ୍ରାଏଲ୍ ଖାନ୍ ଙ୍କୁ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

ଆମର ହେଲ୍ପଡେସ୍କ ସହଯୋଗୀ ଶିବ ପ୍ରସାଦ ରାଉତ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଡାକ୍ତରଖାନାରେ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ। ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଥିଲା ଯେଉଁଠାରେ ବିରଳ O-ve ରକ୍ତର ଜରୁରୀ ଆବଶ୍ୟକତା ଥିଲା ଯାହା ପରିବାରବର୍ଗ ଯୋଗାଡ଼ କରି ପାରିନଥିଲେ । ଶିବ ରୋଗୀ ପାଇଁ ଏକ ରକ୍ତଦାତା ଯୋଗାଡ଼ କରି ଦେଇଥିଲେ ।



ଜଣେ ରୋଗୀଙ୍କ ପାଇଁ ରକ୍ତଦାତା ଯୋଗାଡ଼ କରିଛନ୍ତି ହେଲ୍ପଡେସ୍କ ସହଯୋଗୀ ଶିବ ପ୍ରସାଦ



ଡାକ୍ତରଖାନାରେ ରକ୍ତ ଗ୍ରହଣ କରୁଛନ୍ତି ଜଣେ ରୋଗୀଙ୍କ ମା'

କିଡ଼ନୀ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ ଯାଜପୁର ଜିଲ୍ଲାର ୨୦ବର୍ଷିୟ ଯୁବକ ହରିହର ମଲ୍ଲିକଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

ଆମର ହେଲ୍ପଡେସ୍କ ସହଯୋଗୀ ସନ୍ଦୀପ ରଥ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଡାକ୍ତରଖାନାରେ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ। ଡାଏଲିସିସ୍ ପାଇଁ ରୋଗୀଙ୍କୁ ବିରଳ AB + ve ରକ୍ତର ଆବଶ୍ୟକତା ଥିଲା, ଯାହା ପରିବାରବର୍ଗ ଯୋଗାଡ଼ କରିବାରେ ଅସମର୍ଥ ହୋଇ ସନ୍ଦୀପଙ୍କ ସହାୟତା ଲୋଡ଼ିଥିଲେ ଏବଂ ସନ୍ଦୀପ ଉପଯୁକ୍ତ ସମୟରେ ରକ୍ତ ଯୋଗାଡ଼ କରି ଦେଇଥିଲେ ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ସହାୟତା


ରୋଗୀଙ୍କ ପାଖରେ ଉପସ୍ଥିତ ହେଲ୍ପଡେସ୍କ ସହଯୋଗୀ ହିମାଂଶୁ

ହାର୍ନିଆ ରୋଗରେ ପୀଡ଼ିତ ହୋଇ କଳାହାଣ୍ଡି ଜିଲ୍ଲାର ୩୫ବର୍ଷିୟ ଡ଼ାକ୍ତା ଦୁର୍ଗା ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭବାନୀପାଟଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ।

ଆମର ହେଲ୍ପଡେସ୍କ ସହଯୋଗୀ ହିମାଂଶୁ ନାୟକ ରୋଗୀଙ୍କୁ ଡାକ୍ତରଙ୍କ ପରାମର୍ଶ ଏବଂ ନିର୍ଦ୍ଦିଷ୍ଟ ପରୀକ୍ଷଣରେ ସାହାଯ୍ୟ କରିଥିଲେ । ପରବର୍ତ୍ତୀ ଚିକିତ୍ସା ପାଇଁ ରୋଗୀଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ପଠାଯାଇଥିଲା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଡ଼ାକ୍ତାଙ୍କ ଚିକିତ୍ସା ପାଇଁ କାଗଜପତ୍ର ପୂରଣ ପ୍ରକ୍ରିୟା ପାଇଁ ହିମାଂଶୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ରୋଗୀର ଅନୁରୋଧ ରକ୍ଷା କରି ହିମାଂଶୁ ଯାତାୟାତ ସୁବିଧା ମଧ୍ୟ କରିଥିଲେ ।

ହୃଦଘାତ ଜନିତ ସମସ୍ୟାରେ ପୀଡ଼ିତ କଳାହାଣ୍ଡି ଜିଲ୍ଲାର ୧୩ବର୍ଷିୟା ମହିଳା ପ୍ରମିଳା ଭୋଇ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବିଶାଖାପାଟଣାସ୍ଥିତ କନକ ଦୁର୍ଗା ହସ୍ପିଟାଲକୁ ଯାଇଥିଲେ।

ଆମର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା ରୋଗୀଙ୍କ ପାଖରେ ଉପସ୍ଥିତ ରହି ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ପରୀକ୍ଷଣରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ପରବର୍ତ୍ତୀ ଚିକିତ୍ସା ପାଇଁ ରୋଗୀଙ୍କୁ ଆଡ଼ମିଶନ କରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରକାଶ ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ଏବଂ ରୋଗୀ ସୁସ୍ଥ ହୋଇ ଡିସ୍ଚାର୍ଜ ହେବା ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝୁଥିଲେ ।


ରୋଗୀଙ୍କ ପାଖରେ ଉପସ୍ଥିତ ହେଲ୍ପଡେସ୍କ ସହଯୋଗୀ ପ୍ରକାଶ


ସୁମନଙ୍କ ପାଖରେ ହେଲ୍ପଡେସ୍କ ସହଯୋଗୀ ସୋମନାଥ

ଥାଲାସେମିଆ ରୋଗରେ ପୀଡ଼ିତ ଥିବା ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳର ୧୬ ବର୍ଷିୟ ସୁମନ ଛୋଟରାୟ, ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ଯାଇଥିଲେ ।

ଆମର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ପରବର୍ତ୍ତୀ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ରୋଗୀଙ୍କୁ ଆଡ଼ମିଶନ କରିବାକୁ ପରାମର୍ଶ ଦିଆଯାଇଥିଲା। ସୋମନାଥ ଆଡ଼ମିଶନ ପ୍ରକ୍ରିୟାରେ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ଯାତାୟାତ ସହାୟତା


ରୋଗୀଙ୍କୁ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

ଯକୃତ ସଂକ୍ରମଣ ଏବଂ ମସ୍ତିଷ୍କ ରକ୍ତସ୍ରାବରେ ପୀଡ଼ିତ ଥିବା କଳାହାଣ୍ଡି ଜିଲ୍ଲାର ୧୬ ବର୍ଷିୟ ବାସିନ୍ଦା ଆଶିଷ ସୁନାନୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭବାନିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲ ଯିବା ପାଇଁ କୁହାଯାଇଥିଲା । ଆମର ହେଲ୍ପଡେସ୍କ ସହଯୋଗୀ ଅବିନାଶ ବାବୁ ରୋଗୀଙ୍କ ପାଖରେ ଉପସ୍ଥିତ ରହି ହସ୍ପିଟାଲରେ ଆବଶ୍ୟକୀୟ ଚିକିତ୍ସା ସହାୟତା କରିଥିଲେ ଏବଂ ପରେ ରୋଗୀଙ୍କୁ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ। ସେଠାରେ ରୋଗୀଙ୍କୁ ସାହାଯ୍ୟ କରିବା ପାଇଁ ବୁର୍ଲାଠାରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ଧୀj୍ଡନ୍ଦ୍ର ସୁନାଙ୍କୁ ଅବଗତ କରିଥିଲେ।

ସ୍ନାୟୁ ଜନିତ ସମସ୍ୟାରେ ପୀଡ଼ିତ ଥିବା ବାରିପଦା, ବେତନୋଟି ଅଞ୍ଚଳର ୭୫ବର୍ଷିୟା ସରସ୍ୱତୀ ଦାସ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲକୁ ଯାଇଥିଲେ ।

ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିଥିବାରୁ ତାଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲକୁ ରେଫର୍ କରାଯାଇଥିଲା। ଆମର ହେଲ୍ପଡେସ୍କ ସହଯୋଗୀ ଯୋଗେଶ ଆଚାର୍ଯ୍ୟ ରୋଗୀ ପାଖରେ ଉପସ୍ଥିତ ରହି ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ । ପରେ ସେ ରୋଗୀଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ । ସେଠାରେ ରୋଗୀଙ୍କୁ ଆବଶ୍ୟକୀୟ ସାହାଯ୍ୟ କରିବା ପାଇଁ କଟକ ଠାରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ ଦାସଙ୍କୁ ଯୋଗାଯୋଗ କରିଥିଲେ ।


ରୋଗୀଙ୍କୁ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା


ରୋଗୀଙ୍କୁ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

ସମ୍ବଲପୁର ଜିଲ୍ଲାର ୪୬ବର୍ଷିୟ ବାସିନ୍ଦା ପ୍ରସନ୍ନ ପ୍ରଧାନ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଏବଂ ତାଙ୍କୁ ଚିକିତ୍ସା ପାଇଁ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

ଆମର ହେଲ୍ପଡେସ୍କ ସହଯୋଗୀ ଧିରେନ୍ଦ୍ର ସୁନା ରୋଗୀଙ୍କୁ ଜରୁରୀକାଳୀନ ଚିକିତ୍ସାରେ ସାହାଯ୍ୟ କରିଥିଲେ । ପ୍ରାରମ୍ଭିକ ଚିକିତ୍ସା ପରେ, ଉନ୍ନତ ଚିକିତ୍ସା ପାଇଁ ପରିବାରବର୍ଗ ତାଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲେ। ପରିବାରବର୍ଗ, ଏଥି ନିମନ୍ତେ ଧିରେନ୍ଦ୍ରଙ୍କର ସାହାଯ୍ୟ ଲୋଡ଼ିଥିଲେ ଏବଂ ସଙ୍ଗେ ସଙ୍ଗେ ସେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ଆବଶ୍ୟକ ବ୍ୟବସ୍ଥା କରିଥିଲେ। ତାଙ୍କର ନିଃସ୍ୱାର୍ଥପର ସେବା ତଥା ସେମାନଙ୍କର ଆବଶ୍ୟକତା ସମୟରେ ନିରନ୍ତର ସମର୍ଥନ କରିଥିବାରୁ ପରିବାରବର୍ଗ ଧୀରେନ୍ଦ୍ରଙ୍କୁ କୃତଜ୍ଞତା ଜଣାଇଥିଲେ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## କର୍କଟ ରୋଗୀଙ୍କୁ ସହାୟତା



ରୋଗୀଙ୍କ ସହିତ ହେଲ୍ପଡେସ୍କ ସହଯୋଗୀ ସୋମନାଥ

ପାକସ୍ଥଳି କର୍କଟ ରୋଗରେ ପୀଡ଼ିତ ବାଲେଶ୍ୱର ଜିଲ୍ଲା ଅର୍ଜୁନପୁର ଅଞ୍ଚଳର ୫୩ବର୍ଷିୟ ବାସିନ୍ଦା ସନାତନ ଦାସ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସକୁ ଯାଇଥିଲେ।

ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀଙ୍କୁ ଆଡ଼ମିଶନ କରିବାକୁ କୁହାଯାଇଥିଲା। ଏମ୍ସରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ । ଚିକିତ୍ସା ଚାଲିଥିବା ସମୟରେ ରୋଗୀ ପାଇଁ ଆର୍.ଡି.ପିର ଜରୁରୀ ଆବଶ୍ୟକତା ଥିଲା ଯାହା ପରିବାରବର୍ଗ ଯୋଗାଡ଼ କରିବାରେ ଅସମର୍ଥ ହୋଇଥିଲେ ଏବଂ ସେମାନେ ସୋମନାଥଙ୍କ ସହଯୋଗ ଲୋଡ଼ିଥିଲେ । ସୋମନାଥ ସଙ୍ଗେସଙ୍ଗେ ରୋଗୀ ପାଇଁ ଆବଶ୍ୟକ ଥିବା ଆର୍.ଡି.ପି ଯୋଗାଡ଼ କରି ଦେଇଥିଲେ।

ମୁଖ କର୍କଟ ରୋଗରେ ପୀଡ଼ିତ ଥିବା ୫୭ବର୍ଷିୟ ବାସିନ୍ଦା ଲମ୍ବୋଦର ରଣାଙ୍କୁ ବିଶାଖାପାଟଣାସ୍ଥିତ କର୍କଟ ଡାକ୍ତରଖାନାକୁ ରେଫର୍ କରାଯାଇଥିଲା।

ଆଡ଼ମିଶନ ପ୍ରକ୍ରିୟାରେ ରୋଗୀଙ୍କୁ ଆମର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା ସାହାଯ୍ୟ କରିଥିଲେ। ପ୍ରକାଶ ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ । କେମୋଥେରାପି ଚାଲିଥିବା ସମୟରେ ତାଙ୍କୁ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ । ରୋଗୀର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପ୍ରକାଶ ନିୟମିତ ପଚାରି ବୁଝୁଥିଲେ ।



ଚିକିତ୍ସାଧିନ ଅବସ୍ଥାରେ ରୋଗୀ



ରୋଗୀଙ୍କ ସହିତ ହେଲ୍ପଡେସ୍କ ସହଯୋଗୀ ଆଲୋକ

ପୁରୀ ଜିଲ୍ଲାର ୫୩ବର୍ଷିୟ ବାସିନ୍ଦା ରଶ୍ମି ରଂଜନ ଦାଶ, ପାକସ୍ଥଳୀ କର୍କଟ ରୋଗରେ ପୀଡ଼ିତ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ କେମୋଥେରାପି ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସକୁ ଯାଇଥିଲେ । ଅବଶ୍ୟ, ନିକଟରେ ଏମ୍ସ ଗସ୍ତ ସମୟରେ ଡାକ୍ତର ତାଙ୍କୁ ତାଙ୍କର ହିମୋଗ୍ଲୋବିନ୍ ସ୍ତର କମି ଯାଇଥିବାର ସୂଚନା ଦେଇଥିଲେ ଏବଂ ସ୍ତର ସ୍ଥିର ନହେବା ପର୍ଯ୍ୟନ୍ତ କେମୋଥେରାପି ବନ୍ଦ ରଖିବାକୁ ପରାମର୍ଶ ଦେଇଥିଲେ। ପରିବାରବର୍ଗ ରକ୍ତ ଯୋଗାଡ଼ କରିବାରେ ଅସମର୍ଥ ହୋଇ କ୍ୟାପିଟାଲ ହସ୍ପିଟାଲକୁ ଯାଇଥିଲେ, ଯେଉଁଠାରେ ଆମର ହେଲ୍ପଡେସ୍କ ସହଯୋଗୀ ଆଲୋକ ରଂଜନ ସାହୁ ରୋଗୀଙ୍କ ପାଇଁ ଏକ ୟୁନିଟ୍ O + ve ପି.ଆର୍.ବି.ସି ବ୍ୟବସ୍ଥା କରିଥିଲେ ଏବଂ ରୋଗୀର ପରବର୍ତ୍ତୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏମ୍ସରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁଙ୍କ ସହ ଯୋଗାଯୋଗ କରିଥିଲେ ।




# ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ


ପୂର୍ବରୁ


ପରେ

୧ କଟକରୁ ଜଣେ ୫୪ବର୍ଷିୟ ସନ୍ତୋଷ ଦାଶ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ଯାହାଫଳରେ ତାଙ୍କ ବାମ ଗୋଡରେ ଗଭୀର ଆଘାତ ଲାଗିଥିଲା । ଦୁର୍ଭାଗ୍ୟବଶତଃ, ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ତାଙ୍କ ବାମଗୋଡ଼ ଆଣ୍ଠୁ ତଳକୁ କାଟି ଦିଆଯାଇଥିଲା।

ସେ ପୂର୍ବରୁ କୃତ୍ରିମ ଗୋଡ଼ ଲଗାଇଥିଲେ କିନ୍ତୁ ତାହା ବ୍ୟବହାର କରିବାରେ ତାଙ୍କୁ ଆରାମ ଲାଗିନଥିଲା । ତାଙ୍କୁ ଏକ କୃତ୍ରିମ ଗୋଡ଼ ଯୋଗାଇ ଦେବା ପାଇଁ ସେ ବାଙ୍କୀ ବିଧାୟକ ଶ୍ରୀ ଦେବୀ ରଂଜନ ତ୍ରିପାଠୀଙ୍କର ସହଯୋଗ ଲୋଡ଼ିଥିଲେ । ଶ୍ରୀ ତ୍ରିପାଠୀ ଘଟଣା ସମ୍ପର୍କରେ ଓଡ଼ିଶା-ମୋ ପରିବାରକୁ ସୂଚନା ଦେବା ପରେ ହିତାଧିକାରୀଙ୍କୁ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର୍.ସି ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କୃତ୍ରିମ ଅଙ୍ଗ ପାଇବା ପରେ ସେ ଓଡ଼ିଶା-ମୋ ପରିବାରକୁ ଅଶେଷ କୃତଜ୍ଞତା ଜଣାଇଥିଲେ।

୨ ଢେଙ୍କାନାଳ ଜିଲ୍ଲାର ୬୫ବର୍ଷିୟ ଅନିଲ କୁମାର ପଣ୍ଡା ବେଙ୍ଗଲୁରୁର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଏକଦା ସେ ନିଜ ଜନ୍ମସ୍ଥାନକୁ ଯାଉଥିବାବେଳେ ହଠାତ୍ ସେ ଟ୍ରେନ୍‌ରୁ ଖସିପଡ଼ିବାରୁ ତାଙ୍କ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ଡ଼ାକ୍ତରଖାନା ନିଆଯାଇଥିଲା । ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିବାରୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଆଣ୍ଠୁ ତଳକୁ କାଟି ଦିଆଯାଇଥିଲା।

ଓଡ଼ିଶା-ମୋ ପରିବାର ଦ୍ୱାରା କୃତ୍ରିମ ଅଙ୍ଗ ଯୋଗାଣ ବିଷୟରେ ଜାଣିବା ପରେ , ତାଙ୍କୁ ଏକ କୃତ୍ରିମ ଗୋଡ଼ ଯୋଗାଇଦେବାକୁ ଅନୁରୋଧ କରିଥିଲେ । କ୍ୟାପିଟାଲ୍ ହସ୍ପିଟାଲ ପରିସରଭୁକ୍ତ ଏ.ଆର୍.ସି. ମାଧ୍ୟମରୁ କୃତ୍ରିମ ଅଙ୍ଗ ଗ୍ରହଣ କରି ସାରିବା ପରେ ସେ ଓଡ଼ିଶା-ମୋ ପରିବାରକୁ ଅଶେଷ କୃତଜ୍ଞତା ଜଣାଇଥିଲେ।



ପୂର୍ବରୁ


ପରେ

# 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ଓଡିଶା-ମୋ ପରିବାର, 'ଜୀବନବିନ୍ଦୁ'କାର୍ଯ୍ୟକ୍ରମ ମାଧ୍ୟମରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରି ଡାକ୍ତରଖାନାରେ ଆବଶ୍ୟକ ପଡୁଥିବା ରକ୍ତ ପାଇଁ ସମସ୍ତ ବ୍ଲଡ଼ ବ୍ୟାଙ୍କରେ ସଠିକ୍ ଷ୍ଟକ୍ ବଜାୟ ରଖୁଛି । ବ୍ଲଡ଼ ବ୍ୟାଙ୍କଗୁଡିକର କ୍ଷମତା, ବର୍ତ୍ତମାନର ଷ୍ଟକ୍ ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗତ ଏପ୍ରିଲ ମାସରେ ଜୀବନବିନ୍ଦୁ ରକ୍ତଦାନ ଶିବିରରୁ ସମୁଦାୟ **୨୧୩୬** ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି ।

## ଜିଲ୍ଲା ସ୍ତରରେ ରକ୍ତ ସଂଗ୍ରହ






## ଶ୍ରେଷ୍ଠ ପ୍ରଦର୍ଶନକାରୀ

ଜିଲ୍ଲା ସଂଯୋଜକ

ଏପ୍ରିଲ ୨୦୨୪



ଶ୍ରୀ ସୁବାସ ମହାରଣା

ଗଞ୍ଜାମ **956 Units**



ଶ୍ରୀ ଗୌରହରି ମିଶ୍ର

ବରଗଡ଼ **286 Units**



ଶ୍ରୀ ଭଗବାନ ପଢିଆରି

ପୁରୀ **200 Units**



ଶ୍ରୀ ଶୁଭେନ୍ଦୁ ମଙ୍ଗରାଜ

ବାଲେଶ୍ୱର **200 Units**

# ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ସଠିକ୍ ସମୟରେ ଯୋଗାଇ ଦିଆଯାଇଥିବା ରକ୍ତ ମୂଲ୍ୟବାନ ଜୀବନ ରକ୍ଷା କରେ । ଓଡ଼ିଶା-ମୋ ପରିବାର ଏହାର "ବ୍ଲଡ଼ ପାଇଁ ଡାଏଲ/ଟ୍ୱିଟ" ଇ-ସର୍ଭିସ ପ୍ଲାଟଫର୍ମ ଜରିଆରେ ରକ୍ତ ପାଇଁ ଆସୁଥିବା ଅନୁରୋଧକୁ ଡିଜିଟାଲ ଫୋରମ ମାଧ୍ୟମରେ ପୂରଣ କରୁଛି । ଗତ ଏପ୍ରିଲ ମାସରେ 'ଓଡ଼ିଶା-ମୋ ପରିବାର' ଜରୁରୀକାଳୀନ ପରିସ୍ଥିତିରେ **୭୭** ଜଣଙ୍କୁ ରକ୍ତ ଯୋଗାଇ ଦେଇଛି । ଯେଉଁମାନଙ୍କ ମଧ୍ୟରୁ **୭** ଜଣଙ୍କୁ ବିରଳ ରକ୍ତ ଯୋଗାଇ ଦିଆଯାଇଛି ।

| କ୍ର.ସଂଖ୍ୟା | ରୋଗୀଙ୍କ ନାମ | ବୟସ | ପ୍ରଦାନ କରାଯାଇଥିବା ରକ୍ତ ୟୁନିଟ୍ | ଗ୍ରୁପ୍ | ସ୍ଥାନ |
|---|---|---|---|---|---|
| 1 | ସତ୍ୟଭାମା ପାଲ | 65 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ ବଡ଼ ମେଡ଼ିକାଲ |
| 2 | ପଦ୍ମା ପ୍ରଧାନ | 51 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭିମସାର, ବୁର୍ଲା |
| 3 | ମୁକୁନ୍ଦ ନାୟକ | 86 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | ଏମ୍.କେ.ସି.ଜି ବ୍ରହ୍ମପୁର |
| 4 | ଆର୍ତ୍ତତ୍ରାଣ ସାହୁ | 72 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | B- | କଟକ ବଡ଼ ମେଡ଼ିକାଲ |
| 5 | ହର୍ଷ ମାଝି | 43 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | B- | ଏମ୍ସ, ଭୁବନେଶ୍ୱର |
| 6 | ଇସରାଏଲ ଖାନ | 65 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | ସମ୍ ହସ୍ପିଟାଲ, ଭୁବନେଶ୍ୱର |

# ଜରୁରୀ ସମୟରେ ହେଲ୍ପଡେସ୍କ ସହଯୋଗୀଙ୍କ ରକ୍ତଦାନ

ଥାଲାସେମିଆ ରୋଗରେ ପୀଡ଼ିତ କଳାହାଣ୍ଡି ଜିଲ୍ଲାର ୨୯ବର୍ଷିୟ ବାସିନ୍ଦା ବର୍ଷାରାଣୀ ନନ୍ଦଙ୍କୁ ଭବାନୀପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରୋଗୀ ଗୁରୁତର ଭାବରେ ଅସୁସ୍ଥ ଥିଲେ ଏବଂ ତାଙ୍କ ଚିକିତ୍ସା ପାଇଁ ଜରୁରୀ ରକ୍ତର ଆବଶ୍ୟକତା ଥିଲା, ଯାହା ତାଙ୍କ ପରିବାରବର୍ଗ ଯୋଗାଡ଼ କରିପାରିନଥିଲେ। ସେଠାରେ ଏକ ରକ୍ତଦାତାଙ୍କର ଆବଶ୍ୟକତା ଥିଲା ଯାହା ପାଇବା ସହଜ ନଥିଲା ।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ହିମାଂଶୁ ନାୟକ ଘଟଣା ସମ୍ପର୍କରେ ଜାଣିବା ପରେ ତୁରନ୍ତ ରୋଗୀ ପାଇଁ ରକ୍ତ ଦାନ କରିବାକୁ ଆଗେଇ ଆସିଥିଲେ । ଅଧିକନ୍ତୁ, ସେ ତାଙ୍କୁ ଡାକ୍ତରଖାନାରେ ଆବଶ୍ୟକ ଚିକିତ୍ସା ସହାୟତା ମଧ୍ୟ ଯୋଗାଇ ଦେଇଥିଲେ ।

ହିମାଂଶୁଙ୍କ ଏହି ଉତ୍ତମ କାର୍ଯ୍ୟ ପାଇଁ ପାଖରେ ଥିବା ଲୋକମାନେ ଅତ୍ୟନ୍ତ ଖୁସି ହୋଇଥିଲେ ଏବଂ ତାଙ୍କର ଅଦମ୍ୟ ଉତ୍ସର୍ଗୀକୃତତା ପାଇଁ ଭୂରି ଭୂରି ପ୍ରଶଂସା କରିଥିଲେ ।





ହେଲ୍ପଡେସ୍କ ସହଯୋଗୀ ହିମାଂଶୁ ଜଣେ ରୋଗୀଙ୍କ ପାଇଁ ରକ୍ତଦାନ କରୁଛନ୍ତି

# ଆପାତକାଳରେ ରକ୍ତଦାନ



ପୁରୀ ଚିକିତ୍ସାଳୟରେ ଜଣେ ରୋଗୀଙ୍କୁ ୨ ୟୁନିଟ୍ ରକ୍ତ ପ୍ରଦାନ କରୁଛନ୍ତି ହେଲ୍ପଡେସ୍କ ସହଯୋଗୀ ବିଶ୍ୱ ମୋହନ



କ୍ୟାପିଟାଲ ହସ୍ପିଟାଲରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତ ପ୍ରଦାନ କରୁଛନ୍ତି ହେଲ୍ପଡେସ୍କ ସହଯୋଗୀ ଆଲୋକ



ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତ ପ୍ରଦାନ କରୁଛନ୍ତି ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠ



ପୁରୀ ଚିକିତ୍ସାଳୟରେ ଜଣେ ରୋଗୀଙ୍କୁ ରକ୍ତ ପ୍ରଦାନ କରୁଛନ୍ତି ହେଲ୍ପଡେସ୍କ ସହଯୋଗୀ ବିଶ୍ୱ ମୋହନ



ପୁରୀ ଚିକିତ୍ସାଳୟରେ ଜଣେ ଥାଲାସେମିଆ ରୋଗୀଙ୍କ ଚିକିତ୍ସାପାଇଁ ରକ୍ତ ଯୋଗାଡ଼ କରିଛନ୍ତି ହେଲ୍ପଡେସ୍କ ସହଯୋଗୀ ବିଶ୍ୱ ମୋହନ



ଜଣେ କ୍ୟାନ୍ସର ରୋଗୀ ଚିକିତ୍ସା ପାଇଁ ରକ୍ତ ପ୍ରଦାନ କରୁଛନ୍ତି ହେଲ୍ପଡେସ୍କ ସହଯୋଗୀ ନରେନ୍ଦ୍ର



କଟକ ବଡ଼ ମେଡ଼ିକାଲରେ ଜଣେ ଆନେମିଆ ରୋଗୀଙ୍କ ଚିକିତ୍ସାପାଇଁ ରକ୍ତ ଯୋଗାଡ଼ କରିଛନ୍ତି ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ




ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତଦାତା ଯୋଗାଡ଼ କରି ରକ୍ତ ପ୍ରଦାନ କରୁଛନ୍ତି ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠ



ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତଦାତା ଯୋଗାଡ଼ କରି ରକ୍ତ ପ୍ରଦାନ କରୁଛନ୍ତି ହେଲ୍ପଡେସ୍କ ସହଯୋଗୀ ହିମାଂଶୁ

# ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା

କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ, ଏକ ସ୍ୱେଚ୍ଛାସେବୀ ସଂଗଠନ ସହିତ ମିଳିତ ଭାବରେ ଓଡ଼ିଶା ମୋ ପରିବାର ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ରେଫର୍ ହୋଇଥିବା କର୍କଟ ରୋଗୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା, ଡାକ୍ତରଖାନାରେ କାଗଜପତ୍ର ପ୍ରକ୍ରିୟାରେ ସହାୟତା, ଚିକିତ୍ସା ପାଇଁ ଆଭ୍ୟନ୍ତରୀଣ ସମନ୍ୱୟ ରକ୍ଷା କରିବା ସହିତ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଡାକ୍ତରଖାନା ନିକଟରେ ସୁଲଭ ମୂଲ୍ୟରେ ରହିବା ପାଇଁ ବ୍ୟବସ୍ଥା କରାଇ ଦେଇଥାଏ ।

ଗର୍ଭାଶୟ କର୍କଟରେ ପୀଡ଼ିତ ଶର୍ମିଷ୍ଠା ଦାସ, ପ୍ରୋଷ୍ଟେଟ୍ କ୍ୟାନ୍ସର ରୋଗରେ ପୀଡ଼ିତ ଶିତଲ ଶତପଥୀ ଏବଂ ରକ୍ତ କର୍କଟରେ ପୀଡ଼ିତ ସୁଧାଂଶୁ ଶେଖର ଦାସଙ୍କୁ ଚିକିତ୍ସା ପାଇଁ ନୂତନ ପଞ୍ଜିକରଣ, ଡାକ୍ତରଙ୍କ ପରାମର୍ଶରେ ଏବଂ ଆବଶ୍ୟକୀୟ ଡାକ୍ତରୀ ପରୀକ୍ଷାରେ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ୍ ର ସ୍ୱେଚ୍ଛାସେବୀମାନେ ସହାୟତା ପ୍ରଦାନ କରିଥିଲେ ।

ଗତ ଏପ୍ରିଲ ମାସରେ ଓଡ଼ିଶା-ମୋ ପରିବାର ୧୯ଜଣ କର୍କଟ ରୋଗୀଙ୍କୁ ସହାୟତା କରିଥିଲା ତନ୍ମଧ୍ୟରୁ ୧୨ଜଣଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲକୁ ରେଫର୍ କରାଯାଇଥିଲା ଏବଂ ୨ ଜଣଙ୍କୁ ଦ୍ୱିତୀୟ ପରାମର୍ଶ ନେବାରେ ସାହାଯ୍ୟ କରାଯାଇଥିଲା । ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ କାର୍ଯ୍ୟରତ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର ସ୍ୱେଚ୍ଛାସେବୀମାନେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ପଚାରି ବୁଝୁଛନ୍ତି ଏବଂ ସେମାନଙ୍କୁ ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି ।



ସୁଜାତା ପରିଡ଼ା

ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ଥିବା ସୁଜାତା ପରିଡ଼ାଙ୍କୁ କେମୋ ଥେରାପି ଚିକିତ୍ସା ପରେ ଆବଶ୍ୟକ ହେଉଥିବା କୃତ୍ରିମ ସ୍ତନ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ପକ୍ଷରୁ ଯୋଗାଇଦିଆଯାଇଛି ।

# କୃପାସିନ୍ଧୁଙ୍କୁ ଚିକିତ୍ସାରେ ସାହାଯ୍ୟ କଲେ ହିମାଂଶୁ

ଏକଦା, ଭବାନୀପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ନିଜର ଡ୍ୟୁଟି ସାରିବା ପରେ, ଆମର ହେଲ୍ପଡେସ୍କ ସହଯୋଗୀ ହିମାଂଶୁ ନାୟକ ନିକଟସ୍ଥ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେଠାରେ ସେ କଳାହାଣ୍ଡି ଜିଲ୍ଲା କେଗାଓଁ ଅଞ୍ଚଳର ୪୪ବର୍ଷିୟ ଏକ ଭିନ୍ନକ୍ଷମ ବ୍ୟକ୍ତି କୃପାସିନ୍ଧୁ ହରପାଲଙ୍କୁ ଭେଟିଥିଲେ, ଯାହାଙ୍କ ଶ୍ରବଣ ଜନିତ ସମସ୍ୟା ଥିଲା । କୃପାସିନ୍ଧୁଙ୍କ ଅବସ୍ଥା ବିଷୟରେ ଜାଣିବା ପରେ ହିମାଂଶୁ ତାଙ୍କୁ ଭବାନୀପାଟଣା ସ୍ୱାସ୍ଥ୍ୟକେନ୍ଦ୍ର ଯିବାକୁ କହିଥିଲେ ଏବଂ ଏକ ଶ୍ରବଣ ଯନ୍ତ୍ର ପାଇବାରେ ତାଙ୍କୁ ସାହାଯ୍ୟ କରିବାକୁ କହିଥିଲେ। କୃପାସିନ୍ଧୁ ପୂର୍ବରୁ କୌଣସି ଶ୍ରବଣ ଯନ୍ତ୍ର ବ୍ୟବହାର କରିନଥିଲେ। ହସ୍ପିଟାଲରେ ପହଞ୍ଚିବା ପରେ ହିମାଂଶୁ ତାଙ୍କୁ ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ସାହାଯ୍ୟ କରି କଳାହାଣ୍ଡି ଜିଲ୍ଲା ଡ଼ି.ଡ଼ି.ଆର୍.ସି ମାଧ୍ୟମରେ କୃପାସିନ୍ଧୁଙ୍କ ପାଇଁ ଏକ ଶ୍ରବଣଯନ୍ତ୍ର ପାଇବାରେ ସାହାଯ୍ୟ କରିଥିଲେ।



# 'ଜୀବନବିନ୍ଦୁ' କାର୍ଯ୍ୟକ୍ରମ


ଗଞ୍ଜାମ


ବରଗଡ଼


ପୁରୀ


ବାଲେଶ୍ୱର


ଭୁବନେଶ୍ୱର


ସମ୍ବଲପୁର


ଯାଜପୁର


ସୁବର୍ଣ୍ଣପୁର


ବଲାଙ୍ଗିର


ଦେବଗଡ଼

# ଆପଣଙ୍କ ମୁହଁରୁ



**ଏସ୍. ମହେନ୍ଦ୍ର କୁମାର ପାତ୍ର**
ବ୍ରହ୍ମପୁର, 8328943584

ମୋର ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଥିବାରୁ ମୁଁ ଭାଇଜାଗସ୍ଥିତ ଇଣ୍ଡସ ହସ୍ପିଟାଲକୁ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲପଡେସ୍କ ସହଯୋଗୀ ପ୍ରକାଶ ବେହେରାଙ୍କୁ ଧନ୍ୟବାଦ ଜଣାଉଛି, ଯିଏକି ମୋତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।



**ଶ୍ରୀ ଓମ୍ କାର ପାଲ**
ସମ୍ବଲପୁର, 9938902128

ମୋର ଚିକିତ୍ସା ନିମନ୍ତେ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲକୁ ଯାଇଥିଲି । ସେଠାରେ ମୋର ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ନରେନ୍ଦ୍ର ସୁନାଙ୍କର ଦେଖା ହୋଇଥିଲା । ସେ ମୋତେ ଡାକ୍ତରଙ୍କ ପରାମର୍ଶ, ନିର୍ଦ୍ଦିଷ୍ଟ ପରୀକ୍ଷଣ ଏବଂ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିବାରୁ ମୁଁ ତାଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ।



**ସୁଶାନ୍ତ ପ୍ରଧାନ**
**କଳାହାଣ୍ଡି**,9348534174

ମୋ ଜରାୟୁରେ ଷ୍ଟୋନ ହୋଇଥିବାରୁ ମୁଁ ଭବାନୀପାଟଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲି। ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ହିମାଂଶୁ ନାୟକ ମୋତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଡାକ୍ତରଙ୍କ ପରାମର୍ଶ ନେବା ସହିତ ନିର୍ଦ୍ଦିଷ୍ଟ ପରୀକ୍ଷଣ ଏବଂ ଔଷଧ ଯୋଗାଇ ଦେଇଥିବାରୁ ମୁଁ ତାଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ।



**ବିଜୟ କୁମାର ଦାଶ**
9861388325, ପୁରୀ

ମୋ ବାପା ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ତାଙ୍କ ଚିକିତ୍ସା ଚାଲିଥିବା ସମୟରେ ଜରୁରୀ B + v e ପି.ଆର୍.ବି.ସିର ଜରୁରୀ ଆବଶ୍ୟକତା ଥିଲା । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଆଲୋକ ରଞ୍ଜନ ସାହୁଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ତୁରନ୍ତ ମୋ ପାଇଁ ରକ୍ତ ଯୋଗାଡ଼ କରି ଦେଇଥିଲେ ।




**ଦୁର୍ଯୋଧନ ପାନ**
7735513322, କଳାହାଣ୍ଡି

ମୁଁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭବାନୀପାଟଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଅବିନାଶ ବାବୁଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୋତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଡାକ୍ତରଙ୍କ ପରାମର୍ଶ ନେବା ସହିତ ନିର୍ଦ୍ଦିଷ୍ଟ ପରୀକ୍ଷଣ ଏବଂ ଔଷଧ ଯୋଗାଇ ଦେଇଥିଲେ ।



**ଅନିଲ କୁମାର ପଣ୍ଡା**
9583380759, ଢେଙ୍କାନାଳ

ଏକ ଦୁର୍ଘଟଣା ହେତୁ ମୋ ଡ଼ାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା । ଯାହାଫଳରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ମୋ ଆଣ୍ଠୁ ତଳକୁ କଟା ହୋଇ ଯାଇଥିଲା । ମୋର ଏକ କୃତ୍ରିମ ଗୋଡ଼ ଆବଶ୍ୟକ ଥିଲା ଏବଂ ମୁଁ ଓଡ଼ିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୋତେ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର୍.ସି ମାଧ୍ୟମରେ କୃତ୍ରିମ ଅଙ୍ଗ ଯୋଗାଇ ଦେଇଥିଲେ ।



**ସୁମନ ଛୋଟରାୟ**
**ବ୍ରହ୍ମଗିରି**, 7064751010

ଥାଲାସେମିଆ ରୋଗରେ ପୀଡ଼ିତ ହୋଇ ମୁଁ ମୋ ବାପାଙ୍କ ସହ ଭୁବନେଶ୍ୱରସ୍ଥିତ ଏମ୍ସକୁ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସୋମନାଥ ସ୍ୱାଇଁଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆଡ଼ମିଶନ ପ୍ରକ୍ରିୟାରେ ମୋତେ ଏବଂ ମୋ ବାପାଙ୍କୁ ସାହାଯ୍ୟ କରିଥିଲେ ।



**ସଞ୍ଜୟ ଜାଲ**
7789040956, ବରଗଡ଼

ମୁଁ ପେଟରେ ପ୍ରବଳ ଯନ୍ତ୍ରଣା ଅନୁଭବ କରିବାରୁ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲକୁ ଯାଇଥିଲି । ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଏବଂ କାଉଣ୍ଟରରୁ ଔଷଧ ପାଇବାରେ ମୋତେ ସାହାଯ୍ୟ କରିଥିବାରୁ ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ନରେନ୍ଦ୍ର ସୁନାଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି |



**ଆରତୀ ପ୍ରଧାନ**
9337544184, ପୁରୀ

ମୋ ଝିଅ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ, ତାଙ୍କ ଚିକିତ୍ସା ଚାଲିଥିବା ସମୟରେ A +ve ରକ୍ତର ଜରୁରୀ ଆବଶ୍ୟକତା ଥିଲା । ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ବିଶ୍ୱ ଭୂଷଣ ମହାନ୍ତି ରକ୍ତ ବ୍ୟବସ୍ଥା କରିବାରେ ସାହାଯ୍ୟ କରିଥିବାରୁ ମୁଁ ତାଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି।



**ନୀରଜ ମଣି ଭୋଲ**
ମୟୂରଭଞ୍ଜ, 7854913180

ମୁଁ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲକୁ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଯୋଗେଶ ଆଚାର୍ଯ୍ୟଙ୍କୁ ଧନ୍ୟବାଦ ଜଣାଉଛି, ଯିଏ ଡାକ୍ତରଙ୍କ ପରାମର୍ଶ ନେବାରେ, ଆବଶ୍ୟକ ସ୍ୱାସ୍ଥ୍ୟ ପରୀକ୍ଷଣ ଏବଂ କାଉଣ୍ଟରରୁ ଔଷଧ ପାଇବାରେ ମୋତେ ସାହାଯ୍ୟ କରିଥିଲେ ।

# ଓଡ଼ିଶା-ମୋ ପରିବାର କାର୍ଯ୍ୟକ୍ରମ
# ଯୋଗାଯୋଗ ପାଇଁ ଜରୁରୀ ନମ୍ବର

### ଚକ୍ଷୁ ପରୀକ୍ଷା ଶିବିର

ଚକ୍ଷୁ ପରୀକ୍ଷା ଶିବିର କରିବା ଏବଂ ମୋତିଆବିନ୍ଦୁ ସମସ୍ୟାଥିବା ବ୍ୟକ୍ତିଙ୍କ ପାଇଁ ମାଗଣା ଅସ୍ତ୍ରୋପଚାର କରିବାରେ ସାହାଯ୍ୟ କରିବା

ମନସ୍ୱିନୀ ଦାଶ 8917400700
ଶ୍ରଦ୍ଧା ସୁଚିସ୍ମିତା 7978260364

### କୃତ୍ରିମ ଅଙ୍ଗ ପ୍ରଦାନ

ଅଭାବୀ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦେବାରେ ସହାୟତା

ମନସ୍ୱିନୀ ଦାଶ 8917400700

### ଅଙ୍ଗଦାନ

NOTTO (ନ୍ୟାସନାଲ ଅର୍ଗାନ୍ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍) ର ସହଯୋଗରେ ଅଙ୍ଗଦାନ ଶିବିର ଆୟୋଜନ କରିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

### କ୍ୟାନସର ରୋଗୀଙ୍କୁ ସହାୟତା

କ୍ୟାନସର ରୋଗୀମାନଙ୍କୁ ସ୍ଥାନୀୟ ଏବଂ ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସାପାଇଁ ସଂଚାଳନ କରିବା

ଦେବଶ୍ରୀ ଦାସ 94370679
ରଜତ ଅଗ୍ରୱାଲ 7504986342

### ସହାୟତା ପାଇଁ ଟୁଇଟ୍

ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟାକୁ ସମାଧାନ କରିବାପାଇଁ ଯଥାସମ୍ଭବ ପ୍ରୟାସ

ମନସ୍ୱିନୀ ଦାଶ 8917400700

### ଦିବ୍ୟାଙ୍ଗ ଶିଶୁମାନଙ୍କୁ ସହାୟତା

୩ ରୁ ୧୪ ବର୍ଷର ଦିବ୍ୟଙ୍ଗ ଶିଶୁ ମାନଙ୍କୁ SIEP ରେ ଚିକିତ୍ସାର ବ୍ୟବସ୍ଥା କରାଇଦେବା

ମାନସୀ ରାୟ 9078151969
ଶ୍ରଦ୍ଧା ସୁଚିସ୍ମିତା 7978260364

### ଡିପୋଜିଟାରୀ

ଓଡ଼ିଶା-ମୋ ପରିବାର ଅନୁକୁଲ୍ୟରେ ଆୟୋଜନ ହେଉଥିବା କାର୍ଯ୍ୟକ୍ରମର ଗୁଡ଼ିକର ଫଟୋ ଏବଂ ଭିଡ଼ିଓ ପଠାଇବା ପାଇଁ

ବିଭୂତି କୁମାର ଭୋଇ 9040458180



## ପ୍ରବାସୀଙ୍କୁ ସହାୟତା

ପ୍ରବାସୀ ମାନଙ୍କ ବୟସ୍କ ମାତାପିତା ତଥା ପିଲାମାନଙ୍କର ହଠାତ୍ ସ୍ୱାସ୍ଥ୍ୟଗତ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସମସ୍ୟାରେ ଆମ ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ସହାୟତା ପ୍ରଦାନ

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

## ସ୍ୱାସ୍ଥ୍ୟସେବା

### ପ୍ରମୁଖ ଡାକ୍ତରଖାନାରେ ହେଲ୍ପଡେସ୍କ

**ଏସ୍.ସି.ବି.ମେଡ଼ିକାଲ, କଟକ**
ସନ୍ଦୀପ ରଥ - ୯୭୭୮୭୭୪୭୭୭
ସନ୍ତୋଷ କୁମାର ଦାସ - ୯୮୬୧୭୦୮୭୨୫

**କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର**
ଆଲୋକ ରଞ୍ଜନ ସାହୁ - ୮୧୧୪୮୨୨୦୮୫
ଜ୍ୟୋତିରଞ୍ଜନ ପ୍ରଧାନ- ୯୮୬୧୩୦୬୦୯୬

**ସମ୍ ହସ୍ପିଟାଲ, ଭୁବନେଶ୍ୱର**
ଶିବ ପ୍ରସାଦ ରାଉତ - ୭୯୭୮୭୩୬୪୩୧

**ଏମ୍ସ, ଭୁବନେଶ୍ୱର**
ସୋମନାଥ ସ୍ୱାଇଁ - ୭୨୦୫୭୪୩୫୦୭

**ହାଇ-ଟେକ୍ ମେଡ଼ିକାଲ, ଭୁବନେଶ୍ୱର**
ବିକାଶ ବେହେରା - ୬୩୭୧୯୬୩୮୯୭

**ଡି.ଏଚ୍.ଏଚ୍. ଭବାନୀପାଟଣା**
ଅବିନାଶ ବାବୁ - ୯୯୦୧୪୪୬୪୯୮
ହିମାଂଶୁ ନାୟକ - ୯୧୭୮୭୨୧୧୯୭

**ଏସ୍.ଏଲ୍.ଏନ୍.ଏମ୍.ସି.ଏଚ୍., କୋରାପୁଟ**
ବୈକୁଣ୍ଠ ମଣ୍ଡଳ- ୮୭୬୩୭୩୦୫୮୭

**ଏମ୍.କେ.ସି.ଜି. ବ୍ରହ୍ମପୁର**
ଗିରିଜା ଶଙ୍କର ସତପଥୀ-୯୭୭୬୮୭୮୪୮୩

**ଭିମସାର, ବୁର୍ଲା**
ଧିରେନ୍ଦ୍ର ସୁନା- ୮୦୧୮୭୬୧୦୬୦
ନରେନ୍ଦ୍ର ସୁନା- ୯୩୩୭୯୫୯୬୩୪

**ଡି.ଏଚ୍.ଏଚ୍., ପୁରୀ**
ବିଶ୍ୱ ଭୂଷଣ ମହାନ୍ତି- ୯୩୩୭୬୦୦୭୭୫

**ପି.ଆର୍.ଏମ୍.ଏମ୍.ସି.ଏଚ୍, ବାରିପଦା**
ଯୋଗେଶ ଆଚାର୍ଯ୍ୟ - ୮୨୪୯୪୩୨୫୮୬

**ବିଶାଖାପାଟଣା**
ପ୍ରକାଶ ବେହେରା-୯୭୦୧୯୯୪୮୬୮

**ଅଫିସ୍ ସଂଯୋଜକ**
ମନସ୍ୱିନୀ ଦାଶ - 8917400700

## ବି.ଏସ.କେ.ୱାଇ

ପଞ୍ଜିକୃତ ହୋଇଥିବା ହସ୍ପିଟାଲଗୁଡ଼ିକ ସହିତ ସଂଯୋଜନା ଏବଂ ବୈଷୟିକ ତ୍ରୁଟିରୁ ଉପୁଜୁଥିବା ସମସ୍ୟାଗୁଡ଼ିକର ସମାଧାନ କରି BSKY ରେ ଚିକିତ୍ସା ପାଇବାକୁ ଯୋଗ୍ୟ ହିତାଧିକାରୀମାନଙ୍କୁ ସାହାଯ୍ୟ ।

ସୁବ୍ରତ ପାତିକା 9937699051
ମାନସୀ ରାୟ 9078151969

## ଜୀବନବିନ୍ଦୁ

ଅଭାବୀ ରୋଗୀଙ୍କୁ ବିରଳ ଗ୍ରୁପ୍ ରକ୍ତ ଯୋଗାଇବା ସହିତ ରକ୍ତଦାନ ସମ୍ବନ୍ଧୀୟ ବ୍ୟାପାର

ରଜତ ଅଗ୍ରୱାଲ 9437067999
ଚିତ୍ତ ରଂଜନ ମିଶ୍ର 8917400701

## ଏସ୍ ଓ ଏସ୍ (SOS)

ଅସହାୟ ଲୋକଙ୍କ ଜରୁରୀ କଲ୍ ପାଇ ସେମାନଙ୍କ ପାଖରେ ପହଞ୍ଚିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969